# ଅଧିକ ମତଦାତା ନିର୍ବାଚନରେ ଭାଗନେବାକୁ ଆହ୍ୱାନ

### ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ

ରାୟଗଡା,୨୫।୧(ଆଶିଷ ରଞ୍ଜନ ପଣ୍ଡା)



ମତଦାତା ଦିବସରେ ଆୟୋଜିତ ସଚେତନତା ଶୋଭାଯାତ୍ରା।

ରାୟଗଡା ଜିଲା ପ୍ରଶାସନ ପକ୍ଷରୁ ରବିବାର ଜିଲାସ୍ତରୀୟ ମତଦାତା ଦିବସ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ଏକ ସଚେତନତା ଶୋଭାଯାତ୍ରା ରାୟଗଡା ବ୍ଲକ୍ ଛକରୁ ବାହାରି ସହର ପରିକ୍ରମା ପରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ପହଞ୍ଚିଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଉପଜିଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ରମେଶ କୁମାର ଜେନା, ଜିଲା ନିର୍ବଚନ ବିଭାଗ ଡ଼େପୁଟି କଲେକ୍ଟର ମାନଭେଲା ପ୍ରିୟଦର୍ଶନୀ, ଏବିଡିଓ କାଳୁ ଚରଣ ନାୟକ, ପୌର ପରିଷଦ ନିର୍ବାହୀ ଅଧିକାରୀ କୁଳଦୀପ କୁମାର ପ୍ରମୁଖ ଉପସ୍ଥିତ ରହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଶହେ ମିଟର ଲମ୍ବା ବହୁଭାଷୀ ବ୍ୟାନର ଶୋଭାଯାତ୍ରାର ବିଶେଷ ଆକର୍ଷଣ ଥିଲା। ବହୁଭାଷୀ ପ୍ଲାକାର୍ଡ ଓ ସ୍ଲୋଗାନ ମାଧ୍ୟରେ ସହର ମଧ୍ୟରେ ସଚେତନ କରାଯାଇଥିଲା। ଭାରତ ଏକ ସଫଳ ଗଣତାନ୍ତ୍ରିକ ରାଷ୍ଟ୍ର । ଆମ ଦେଶରେ ଅବାଧ ଓ ମୁକ୍ତ ନିର୍ବାଚନ ହେଉଛି। ଅଧିକରୁ ଅଧିକ ମତଦାତା ନିର୍ବାଚନରେ ଭାଗ ନେଇ ନିଜର ମତଦାନ ସାବ୍ୟସ୍ତ କରବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

ଶୋଭାଯାତ୍ରାରେ ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ, ରାୟଗଡ଼ା ମହିଳା ମହାବିଦ୍ୟାଳୟ, ସେଞ୍ଚୁରିୟାନ ବିଶ୍ୱବିଦ୍ୟାଳୟ, ଶ୍ରୀ ଉଗ୍ରତାରା ମହାବିଦ୍ୟାଳୟ, ମଡେଲ ଡିଗ୍ରୀ କଲେଜ, ଜିଷ୍ଟ ବୈଷୟିକ ମହାବିଦ୍ୟାଳୟ ଆଦି କଲେଜର ଛାତ୍ରୀଛାତ୍ର, ଜିଲାପାଳ, ଉପଜିଲାପାଳ, ବ୍ଲକ୍, ତହସିଲ କାର୍ଯ୍ୟାଳୟ କର୍ମଚାରୀଙ୍କ ସହ ଜଙ୍ଗଲ, ନେହେରୁ ଯୁବ କେନ୍ଦ୍ର ଓ ଅନ୍ୟାନ୍ୟ ସମସ୍ତ ସରକାରୀ ଓ ବେସରକାରୀ ବିଭାଗର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ସଚେତନତା ପାଇଁ ସେଲଫି ପଏଣ୍ଟ କରାଯାଇଥିବା ବେଳେ ଏହି ଅବସରରେ ଦସ୍ତଖତ ଅଭିଯାନର ମଧ୍ୟ ଆୟୋଜନ କରାଯାଇଥିଲା। ଚିତ୍ରାଙ୍କନ ପ୍ରତିଯୋଗୀତାର ଚିତ୍ରଗୁଡିକୁ ନେଇ ଫଟୋ ଗ୍ୟାଲେରି ସ୍ଥାନିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ରମେଶ ଜେନା, ଜିଲା କାର୍ଯ୍ୟାଳୟର ଡେପୁଟି କଲେକ୍ଟର ମାନଭେଲା ପ୍ରିୟଦର୍ଶନୀ, ରୁପାଲି ପାତ୍ର ଓ ସିଦ୍ଧାର୍ଥ ଆନନ୍ଦ ପଣ୍ଡା, ସହକାରୀ ଜିଲାପାଳ କୈଳାସ ଚନ୍ଦ୍ର ସ୍ୱାଇଁ, ପ୍ରଫୁଲ୍ଲ କୁମାର ବେହେରା ଓ ବିଚିତ୍ରା ସେଠୀ ମଞ୍ଚାସୀନ ଥିଲେ। ଏହି ଅବସରରେ ଶପଥ ପାଠ ସହ ଜିଲାର ପ୍ରତି ବ୍ଲକ୍‌ରୁ ଉତ୍ତମ କାର୍ଯ୍ୟ ପ୍ରଦର୍ଶନ ପାଇଁ ବିଏଲ୍‌ଓ ଓ ସୁପରଭାଇଜରଙ୍କୁ ପୁରସ୍କୃତ କରାଯାଇଥିଲା। ନିରପେକ୍ଷ ନିର୍ବାଚନ ନିମନ୍ତେ ଶତ ପ୍ରତିଶତ ଯୋଗ୍ୟ ଭୋଟରଙ୍କ ପଞ୍ଜୀକରଣ ସହ ନିର୍ବାଚନରେ ଅଂଶଗ୍ରହଣର ଆବଶ୍ୟକତା ବିଷୟରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ।

## ଭାରିଯାନ ଚଳାଚଳ ବନ୍ଦ ଦାବିରେ ରାସ୍ତାରୋକୋ


ବାଇକ୍ ରଖି ସାହିବାସିନ୍ଦା ରାସ୍ତାରୋକୋ କରିଛନ୍ତି।

ରାୟଗଡ଼ା,୨୫।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରର ରୟତ କଲୋନୀ ଦେଇ ଭାରିଯାନ ଚଳାଚଳ କରୁଥିବା ଯୋଗୁ ଦୁର୍ଘଟଣାର ଆଶଙ୍କା ଉପୁଜୁଥିବା ସାହିବାସିନ୍ଦା ଅଭିଯୋଗ କରି ଭାରିଯାନ ଚଳାଚଳ ବନ୍ଦ ପାଇଁ ଦାବି କରିଛନ୍ତି । କିଛିଦିନ ତଳେ ଏଭଳି ଅନୁରୂପ ଦାବିକରି ସାହିବାସିନ୍ଦା ରାସ୍ତାରୋକ କରିଥିଲେ । ପରେ ପୋଲିସ ପ୍ରଶାସନ ବୁଝାଶୁଝା କରିବା ସହିତ ବାଇପାସ୍‌ରେ ବ୍ୟାରିକେଡ୍ ଲଗାଇଥିଲା । ତଥାପି ବେରକ୍ୟାଡ୍ ହଟାଇ ଭାରିଯାନଗୁଡ଼ିକ ଯାତାୟତ କରୁଥିବାରୁ ରବିବାର ସାହିବାସିନ୍ଦା ଉତକ୍ଷିପ୍ତ ହୋଇ ପୁଣି ରାସ୍ତାରୋକ କରିଥିଲେ । ଉକ୍ତ ରାସ୍ତା ଦେଇ କୌଣସି ଭାରିଯାନ ଯିବାକୁ ଦେବୁ ନାହିଁ ବୋଲି ସାହି ଲୋକେ ଅଡ଼ି ବସିଥିଲେ । ଖବରପାଇ ରାୟଗଡ଼ା ଟାଉନ ଥାନା ଆଇଆଇସି ପ୍ରସନ୍ନ କୁମାର ବେହେରା ସ୍ଥିତି ଅନୁଧ୍ୟାନ ପାଇଁ ସେଠାକୁ ପୋଲିସ ଟିମ୍ ପଠାଇଥିଲେ । ପୋଲିସ ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରିଥିଲେ ହେଁ ଲୋକେ ଏହାର ସ୍ଥାୟୀ ସମାଧାନ ଦାବି କରିଥିଲେ । ଭାରିଯାନ ଚଳାଚଳ ବନ୍ଦ କରିବା ପାଇଁ ପୋଲିସ ନିକଟରେ ଦାବି କରିଛନ୍ତି। ଅଞ୍ଚଳରେ ଭାରିଯାନ ଚଳାଚଳ କାରଣରୁ ପିଲାଙ୍କଠାରୁ ଆରମ୍ଭ କରି ମହିଳା ଓ ବରିଷ୍ଠ ନାଗରିକ ଦୁର୍ଘଟଣାର ସମ୍ମୁଖୀନ ଆଶଙ୍କା ରହିଥିବା ସାହିବାସିନ୍ଦା କହିଛନ୍ତି । ତେବେ ଏହାର ସମାଧାନ ବାଟ କଢ଼ାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକରୁ ହଟିଥିଲେ ଅଞ୍ଚଳବାସୀ ।

## ସମସ୍ତଙ୍କ ପାଇଁ ଶିକ୍ଷାର ବାର୍ତ୍ତା ନେଇ ମିନି ମାରାଥନ୍



ଅତିଥି ପତାକା ଦେଖାଇ ମିନି ମାରାଥନର ଶୁଭାରମ୍ଭ କରୁଛନ୍ତି।

ରାୟଗଡା,୨୫।୧(ଆଶିଷ ରଞ୍ଜନ ପଣ୍ଡା)

ସମସ୍ତଙ୍କ ପାଇଁ ଶିକ୍ଷାର ବାର୍ତ୍ତା ନେଇ ରାୟଗଡା ଜିଲାରେ କିସ୍ ଓ କିଟ୍ ପକ୍ଷରୁ ଅଷ୍ଟମ ବାର୍ଷିକ ଏଜୁକେସନ ଫର୍ ଅଲ୍କୁ ନେଇ ମିନି ମାରାଥନ ରବିବାର ରାୟଗଡ଼ା ବ୍ଲକ କୁର୍ଲି ଗ୍ରାମ ପଞ୍ଚାୟତ ଠାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଓ କୁର୍ଲି, ବଡ ଆଲୁବାଡି, ପିପିଲିଗୁଡା, ବାଇଶିଂ ଓ ଡାଙ୍ଗଲୋ ପଞ୍ଚାୟତର ୩ଶହରୁ ଊର୍ଦ୍ଧ୍ୱ ଯୁବପିଢି ଅଂଶ ଗ୍ରହଣ କରିଥିଲେ। କୁର୍ଲି ନିକଟସ୍ଥ ଦେବୀ ମନ୍ଦିର ଛକରୁ ବାହାରିଥିବା ମାରାଥନ୍‌କୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଶିଶୁ ପାର୍କଠାରେ ମାରାଥନ ଶେଷ ହେବା ପରେ ପାର୍କ ପରିସରରେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାୟଗଡା ବ୍ଲକ ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା, ଖବରଦାତା ଅମୂଲ୍ୟ ରତ୍ନ ସାହୁ, କିସ ଜିଲା ସଭାପତି ମାଝି ପିଡିକାକା, ସାମାଜିକ କର୍ମୀ ଘାସିରାମ ସାମୁଡିକା, କୁର୍ଲି ଗ୍ରାମପଞ୍ଚାୟତ ସରପଞ୍ଚ ମୋହନ ଡାଡିଙ୍ଗି ପ୍ରମୁଖ ଯୋଗଦେଇ ଶିକ୍ଷାର ପ୍ରସାର ଓ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। କିସ ଓ କିଟର ସଂଯୋଜକ ରୋନିତ ଶବରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ନବନିର୍ମିତ ୩ୟ ଲାଇନ ଯାଞ୍ଚକଲେ ରେଳ ସୁରକ୍ଷା କମିଶନର

ରାୟଗଡା,୨୫।୧(ଆଶିଷ ରଞ୍ଜନ ପଣ୍ଡା)


ଜେମାଦେଇପେଣ୍ଟ ଷ୍ଟେଶନ ମଧ୍ୟରେ ନବନିର୍ମିତ ୩ୟ ଲାଇନ ଯାଞ୍ଚ କରାଯାଉଛି।

ଦକ୍ଷିଣ ପୂର୍ବ ସର୍କଲର ରେଳ ସୁରକ୍ଷା କମିଶନର (ସିଆରଏସ୍) ବ୍ରିଜେଶ କୁମାର ମିଶ୍ର ଲାଞ୍ଜା ରବିବାର ଜେମାଦେଇପେଣ୍ଟ ଷ୍ଟେଶନ ମଧ୍ୟରେ ନବନିର୍ମିତ ତୃତୀୟ ଲାଇନର ବିସ୍ତୃତ ବୈଧାନିକ ଯାଞ୍ଚ କରିଥିଲେ। ପୂର୍ବତଟ ରେଳପଥର ୱାଲଟିୟର ମଣ୍ଡଳ ଅନ୍ତର୍ଗତ ୭.୧୮୧ କି.ମି ବିଶିଷ୍ଟ ଏହି ଲାଇନ ଟିଟଲାଗଡ଼-ବିଜୟନଗରମ୍ ତୃତୀୟ ଲାଇନ ପ୍ରକଳ୍ପର ଏକ ଅଂଶ। ଏହି ସେକ୍ସନଟି ୬୦ କିଲୋଗ୍ରାମ ରେଳରେ ନିର୍ମିତ ଏବଂ ଏହି ସେକ୍ସନରେ ୨୫ଟି ଆକ୍ସଲ ଲୋଡ ମାନଦଣ୍ଡ ଅନୁଯାୟୀ ନିର୍ମିତ ଏକ ପ୍ରମୁଖ ସେତୁ ରହିଛି। ବୈଧାନିକ ଯାଞ୍ଚ ସଫଳତାର ସହ ସମାପ୍ତ ହେବା ସହ କୌଣସି ସମସ୍ୟା ବିନା ବେଗର ପରୀକ୍ଷଣ ସଫଳତାର ସହିତ ଯାଞ୍ଚ ସମ୍ପୂର୍ଣ୍ଣ ହୋଇଛି। ଫଳରେ ଏହି ସେକ୍ସନଟି ପୂର୍ଣ୍ଣ କମିଶନିଂ ପାଇଁ ଅନୁମୋଦନ ମିଳିଛି। ଏହି ମାଇଲଖୁଣ୍ଟ ନିର୍ମାଣ ସଂଗଠନର ସିଭିଲ ଇଞ୍ଜିନିୟରିଂ, ରେଳ ବିକାଶ ନିଗମ ଲିମିଟେଡ, ସଂକେତ ଏବଂ ଦୂରସଂଚାର ଏବଂ ବିଦ୍ୟୁତ ବିଭାଗ ୱାଲଟିୟର ମଣ୍ଡଳର ପରିଚାଳନା ଏବଂ ଟ୍ରାଫିକ ବିଭାଗ ସହିତ ବଳିଷ୍ଠ ସମନ୍ୱୟର ଫଳରେ ଏହି ସଫଳତା ହାସଲ ହୋଇପାରିଛି। ବିଶାଖାପାଟଣା ଡିଭିଜନ ଡିଆରଏମ୍ ଲଳିତ ଭୋରା, ସିଏଓ ଅଙ୍କୁଷ କୁମାର ଗୁପ୍ତା, ଇଡି ଆରଭିଏନଏଲ ଭିଆର ନାଇଡୁ, ମୁଖ୍ୟ ବ୍ରିଜ ଇଞ୍ଜିନିୟର ଅଶୋକ କୁମାର, ମୁଖ୍ୟ ସିଗନାଲ ଏବଂ ଟେଲିକମ ଇଞ୍ଜିନିୟର ପି ପଣ୍ଡା ଏବଂ ନିର୍ମାଣ ସଂଗଠନ, ରେଳ ବିକାଶ ନିଗମ ଲିମିଟେଡ, ଇଞ୍ଜିନିୟରିଂ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଏବଂ ୱାଲଟିୟର ମଣ୍ଡଳର ଅନ୍ୟ ବରିଷ୍ଠ ଅଧିକାରୀ ଏହି ଯାଞ୍ଚରେ ଅଂଶଗ୍ରହଣ କରିଥିଲେ। ଏ ନେଇ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ କେ. ପବନ କୁମାର ସୂଚନା ଦେଇଛନ୍ତି ।

## ପରଳ ଚକ୍ଷୁ ପରୀକ୍ଷା, ଅସ୍ତ୍ରୋପଚାର ଶିବିର

ଗୁଣୁପୁର, ୨୫।୧ (ସଂକେତ ପାତ୍ର)

ଗୁଣୁପୁର ନିର୍ବାଣ ଟ୍ରଷ୍ଟ ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଏକ ମାଗଣା ପରଳ (ମୋତିଆବିନ୍ଦୁ) ଚକ୍ଷୁ ପରୀକ୍ଷା ଶିବିର ରବିବାର ଗୁଣୁପୁର ବାଘୁଆ ଦେଉଳ ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ପ୍ରକାର ଚକ୍ଷୁ ପରୀକ୍ଷା ଏବଂ ମୋତିଆବିନ୍ଦୁ ଅସ୍ତ୍ରୋପଚାର ସମ୍ପୂର୍ଣ୍ଣ ମାଗଣାରେ କରାଯାଇଥିଲା। ନିର୍ବାଣ ଟ୍ରଷ୍ଟର ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଗରିବ ଓ ଅସହାୟ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଇଛି। ପ୍ରତ୍ୟେକ ମାସର ଶେଷ ରବିବାର ନିୟମିତ ଭାବେ ଏହି ଶବିର ଆୟୋଜିତ ହେବ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ଯେଉଁ ରୋଗୀ ଅସ୍ତ୍ରୋପଚାର ପାଇଁ ଚକ୍ଷୁ ଚିକିତ୍ସାଳୟକୁ ଯିବେ, ସେମାନଙ୍କ ସମସ୍ତ ବ୍ୟବସ୍ଥା ମଧ୍ୟ ସମ୍ପୂର୍ଣ୍ଣ ମାଗଣା ରହିବ ବୋଲି ଗୁଣୁପୁର ନିର୍ବାଣ ଟ୍ରଷ୍ଟର ଅଧ୍ୟକ୍ଷ ସ୍ୱାମୀ ନିର୍ବାଣାନନ୍ଦ ଗିରି ସୂଚନା ଦେଇଛନ୍ତି ।

## କୁଜେନ୍ଦ୍ରିରେ ଜାତୀୟ ଭୋଟର ଦିବସ


ମତଦାତା ଦିବସରେ ଅତିଥି ଓ ଅନ୍ୟମାନେ ଶପଥପାଠ କରୁଛନ୍ତି ।

ଗୁଣପୁର , ୨୫।୧(ସଂକେତ ପାତ୍ର)

ରାମନାଗୁଡା ବ୍ଲକ୍ ଅନ୍ତର୍ଗତ ୧୯୨ ନମ୍ବର ବୁଥ୍ କୁଜେନ୍ଦ୍ରିରେ ରବିବାର ୧୬ତମ ଜାତୀୟ ଭୋଟର ଦିବସ ପାଳିତ ହୋଇଛି। ଏହି ଅବସରରେ ଚଳିତ ବର୍ଷର ଥିମ 'ମୋ ଭାରତ, ମୋ ଭୋଟ' ନେଇ ଲୋକଙ୍କ ମଧ୍ୟରେ ସଚେତନତା କରାଯାଇଛି। ବୁଥ୍ ଲେଭେଲ ଅଫିସର ଫାଲଗୁନି ଗଣ୍ଡାଙ୍କ ଉପସ୍ଥିତିରେ ଭୋଟରଙ୍କୁ ତାଙ୍କର ଅଧିକାର ଓ କର୍ତ୍ତବ୍ୟ ବିଷୟରେ ସଚେତନ କରାଯାଇଥିଲା। ୨୫ ଜାନୁଆରୀ ୧୯୫୦ରେ ନିର୍ବାଚନ ଆୟୋଗ ଗଠିତ ହୋଇଥିବାର ସ୍ମୃତିରେ ପ୍ରତିବର୍ଷ ଏହି ଦିନ ପାଳନ କରାଯାଏ। ଭୋଟରଙ୍କୁ ସଚେତନ କରିବା ଓ ଲୋକତନ୍ତ୍ରୀୟ ପ୍ରକ୍ରିୟାରେ ସକ୍ରିୟ ଭାଗୀଦାରି ପାଇଁ ଉତ୍ସାହିତ କରିବା ଏହାର ଉଦ୍ଦେଶ୍ୟ ବୋଲି ଅତିଥି ମତବ୍ୟକ୍ତ କରିଥିଲେ।

## ବିଶ୍ୱବନ୍ଦିନୀ ଗୁଡାରିର ନୂତନ ଥାନା ଅଧିକାରୀ

ଗୁଡାରି, ୨୫।୧ (ପ୍ରମୋଦ କୁମାର ପତି)

ଗୁଡାରିର ନୂତନ ଥାନା ଅଧିକାରୀ ଭାବେ ବିଶ୍ୱବନ୍ଦିନୀ ବାଗ ରବିବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପୂର୍ବତନ ଥାନା ଅଧିକାରୀ ସର୍ପିତା ସ୍ୱାଇଁ ପୁଷ୍ପ ଗୁଚ୍ଛ ଦେଇ ନୂତନ ଥାନା ଅଧିକାରୀଙ୍କୁ ସ୍ୱାଗତ କରିଥିଲେ। ବିଶ୍ୱବନ୍ଦିନୀ ପୂର୍ବରୁ ଟିକିରି ଥାନା ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଗୁଡାରି ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ସାଧାରଣ ଜନତାଙ୍କ ଧନ ସମ୍ପତି ସୁରକ୍ଷା ପ୍ରାଥମିକ ଗୁରୁତ୍ୱ ରହିବ ବୋଲି ବିଶ୍ୱବନ୍ଦିନୀ ସୂଚନା ଦେଇଛନ୍ତି। ନୂତନ ଥାନା ଅଧିକାରୀଙ୍କୁ ଗୁଡାରି ପ୍ରେସ ୟୁନିଅନ ତରଫରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରେସ ୟୁନିଅନ ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।


ଗୁଡାରି ପ୍ରେସ ୟୁନିୟନ ପକ୍ଷରୁ ସ୍ୱାଗତ କରାଯାଉଛି।

## ଜାତୀୟ ମତଦାତା ଦିବସରେ ସମ୍ମାନିତ ହେଲେ ୨ ଶିକ୍ଷକ

ବିଷମକଟକ,୨୫।୧(ପ୍ରସନ୍ନ କୁମାର ପଣ୍ଡା)

୧୬ତମ ଜାତୀୟ ମତଦାତା ଦିବସ ଅବସରରେ ରାୟଗଡ଼ା ଜିଲା ପ୍ରଶାସନ ତରଫରୁ ବିଷମକଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଷମ କଟକ ବ୍ଲକ୍‌ର ୨ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଛି। ପାଇକ ଡାକୁଲୁଗୁଡା ଆନନ୍ଦ ଚନ୍ଦ୍ର ଜେନା (ବି.ଏଲ. ଓ. ସୁପରଭାଇଜର) ପୂର୍ବତମ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଏବେ ସେ ବୁଢ଼ାହଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି । ସେହିପରି ଉଦୟ ଚନ୍ଦ୍ର ଲାବଲା (ବୁଥ୍ ସ୍ତରୀୟ ଅଧିକାରୀ) ବଡଧାଣ୍ଡରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସହକାରୀ ଶିକ୍ଷକ ଉଦୟ ଚନ୍ଦ୍ର ଲାବଲାଙ୍କୁ ସମ୍ମାନିତ କରାଯାଇଛି । ଶିକ୍ଷକ ଲାବାଲା ଜିଲାସ୍ତରରୁ ଦିଲ୍ଲୀ ତାଲିମ ନେବାକୁ ଜୁଲାଇ ୨୦୨୫ରେ ଯାଇଥିଲେ। ଏହା ସହିତ ୨୦୨୩ରେ ରାଜ୍ୟସ୍ତରୀୟ ଜାତୀୟ ମତଦାତା ଦିବସରେ ପୁରସ୍କାର ପାଇଥିଲେ। ତେଣୁ ଏହି ଦୁଇ ଶିକ୍ଷକଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।


ଜାତୀୟ ମତଦାତା ଦିବସରେ ବିଷମକଟକ ବ୍ଲକର ଜଣେ ଶିକ୍ଷକଙ୍କୁ ସମ୍ମାନିତ କରାଯାଉଛି ।

## ଧର୍ମ ପାଇଁ ସମସ୍ତେ ଏକ ହେବାକୁ ଆହ୍ୱାନ

### ଗୁଣପୁରରେ ବିଶାଳ ହିନ୍ଦୁ ସମ୍ମିଳନୀ

ଗୁଣପୁର,୨୫।୧
(ସୁଜାତା ପାଢ଼ୀ/ ସଂକେତ ପାତ୍ର)

ରାୟଗଡ଼ା ଜିଲା ଗୁଣପୁରର ଜଗନ୍ନାଥ ମନ୍ଦିର ବଡ଼ଦାଣ୍ଡ ପ୍ରାଙ୍ଗଣରେ ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ରବିବାର ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଚ୍ଚିଦାନନ୍ଦ ସରସ୍ୱତୀ ଜୀ ମହାରାଜ, ମୁଖ୍ୟବକ୍ତା ଭାବେ ଆର୍‌ଏସ୍‌ଏସ୍ ପ୍ରାନ୍ତ ବୌଦ୍ଧିକ ପ୍ରମୁଖ ଅରୁଣ ନାୟକ, ସମ୍ମାନିତ ଅତିଥି ଭାବେ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଜୀ ମହାରାଜ, ଚିନ୍ମୟ ମିଶନ, ସ୍ୱାମୀ ରାମାନନ୍ଦ ଦାଶ ମହାରାଜା, ଦେବୀ ମଠ, ପାରଳାଖେମୁଣ୍ଡି ମହନ୍ତ ମଦନମୋହନ ଦାଶ ମହାରାଜ, ଆନ୍ଧ୍ରପ୍ରଦେଶ ଟେକିଲି ସ୍ୱାଧୀ ଗୀତାଦେବୀ, ଭୁବନେଶ୍ୱର ମହନ୍ତ ପଦ୍ମଚରଣ ଦାଶ ମହାରାଜ, କାଶୀନଗର ଆଚାର୍ଯ୍ୟ ନଳିନୀ ମହାନ୍ତି, ଗୁଣପୁର ଅଦ୍ୱୈତ ବେଦାନ୍ତ ଆଶ୍ରମ କର୍ମକର୍ତ୍ତା ଉପସ୍ଥିତ ରହି ସମସ୍ତ ହିନ୍ଦୁଙ୍କ ମୂଳମନ୍ତ୍ର କେବଳ ଏକ ରାଷ୍ଟ୍ର, ଏକ ଧର୍ମ, ଏକ ସଂସ୍କୃତି ହେବା ଆବଶ୍ୟକ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ସେ ହିନ୍ଦୁ ସମାଜକୁ ସଂଗଠିତ ଓ ସଚେତନ ରହିବା, ଧର୍ମ ଓ ସଂସ୍କୃତିକୁ ସୁରକ୍ଷା କରିବା ପାଇଁ ଆହ୍ୱାନ କରିଥିଲେ। ସେହିପରି ହିନ୍ଦୁଙ୍କ ଏକତା ସାରା ଦେଶରେ ପ୍ରସ୍ଫୁଟିତ ହେବା ଦରକାର ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଆଦିତ୍ୟ ବାହିନୀର ପ୍ରାନ୍ତ ସମ୍ପାଦକ ତ୍ରିପତି ମହାନ୍ତି ସଂଯୋଜନା କରିଥିବା ବେଳେ ଭାଜପାର କେନ୍ଦ୍ରୀୟ ସଦସ୍ୟ ମଣ୍ଡଳୀ ସଦସ୍ୟ ୱାଇ ଗଣପତି ଧନ୍ୟବାଦ ଦେଇଥିଲେ। ପ୍ରାର୍ଥନା, ଧାର୍ମିକ ଆଲୋଚନା, ଯୁବଜାଗରଣ ବକ୍ତବ୍ୟ, ସାଂସ୍କୃତିକ ନୃତ୍ୟ ଓ ଦେଶଭକ୍ତିମୂଳକ ପ୍ରଦର୍ଶନୀ ହୋଇଥିଲା। ଗୁଣପୁର ସହରର ବହୁ ପ୍ରତିଷ୍ଠିତ ବ୍ୟକ୍ତି ପୌର ଅଧ୍ୟକ୍ଷା ମମତା ଗୌଡ଼, ଜିଆଇଇଟି ବିଶ୍ୱବିଦ୍ୟାଳୟ ଉପ ସଭାପତି ଡ . ଚନ୍ଦ୍ରଧ୍ୱଜ ପଣ୍ଡା, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ତ୍ରିନାଥ ଗମାଙ୍ଗ, ଜଗନ୍ନାଥ ମନ୍ଦିରର ନିରଞ୍ଜନ ପାଢ଼ୀ, ଫକୀର ନାୟକ, ଭାଗୀରଥି ବିଶୋଇ, ରାଜେନ୍ଦ୍ର ପାଢ଼ୀ, ପ୍ରମୋଦ ସାହୁ, ଅମର ସାହୁ, ରାମ ପଣ୍ଡା, ଜିଲା ସଂଘ ଚାଳକ ନନ୍ଦି ଚୌଧୁରୀ, ବି .ଗଜପତି, ଦିଲୀପ ପଣ୍ଡା, ବଲଗୋପଲ ପାଢ଼ୀ, ସୌଭାଗ୍ୟ ପତିତ, ନୁନୁ ପାଢ଼ୀ, ସଦାପଣ୍ଡା, ଶ୍ରୀନିବାସ ଖଡଙ୍ଗ, ଅମ୍ବିକା ମହାପାତ୍ର,ସୋମନାଥ ଗୌଡ଼, ତ୍ରିପତି ରଥ ପ୍ରମୁଖ ଉପସ୍ଥିତ ରହି ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ୫ ହଜାରରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ଉମା ଶଙ୍କର ଦାଶ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦିଲୀପ ଚୌଧୁରୀ ସଂଯୋଜନା କରିଥିଲେ ।



ହିନ୍ଦୁ ସମ୍ମିଳନୀରେ ଉପସ୍ଥିତ ସାଧୁସନ୍ଥ।

## ବଂଶଧାରା ଆଡ଼ିବନ୍ଧର ଉନ୍ନତି ନିଶ୍ଚିତ ହେବ: ଗଣଶିକ୍ଷା ମନ୍ତ୍ରୀ

### ବସନ୍ତ ମହୋତ୍ସବର ତୃତୀୟ ସନ୍ଧ୍ୟା

ଗୁଣପୁର,୨୫।୧(ପ୍ରଦୀପ କୁମାର ପାଢ଼ୀ)


ବସନ୍ତ ମହୋତ୍ସବ ମଞ୍ଚରେ ଅତିଥିମାନେ ବଂଶଧାରା ସ୍ମରଣିକା ଲୋକାର୍ପଣ କରୁଛନ୍ତି।

ଲୋକପ୍ରିୟ କଣ୍ଠଶିଳ୍ପୀ ଅଭିଜିତ ମଜୁମଦାରଙ୍କ ଉଦେଶ୍ୟରେ ଶ୍ରଦ୍ଧା ସୁମନ ଜଣାଇ ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବର ତୃତୀୟ ସନ୍ଧ୍ୟା ଆରମ୍ଭ ହୋଇଥିଲା । ଏହି ସମାରୋହରେ ରବିବାର ବଂଶଧାରା ସ୍ମରଣିକା ଲୋକାର୍ପଣ ହୋଇଥିଲା । ନବ ନିର୍ମାଣ ସମିତିର ସଭାପତି ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ପଛୁଆ ବର୍ଗ କଲ୍ୟାଣ ତଥା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଥିଲେ। ବଂଶଧାରା ଆଡିବନ୍ଧର ଉନ୍ନତି ନିଶ୍ଚିତ ହେବ। ଶିକ୍ଷାର ବୈପ୍ଳବିକ ପରିବର୍ତ୍ତନ ପାଇଁ ରାଜ୍ୟ ସରକାର ଅହରହ କାମ କରୁଛନ୍ତି ।ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଆଗାମି ଦିନରେ ଅନେକ ପରିବର୍ତ୍ତନ ଆସିବ ବୋଲି ମନ୍ତ୍ରୀ ଗଣ୍ଡ କହିଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ ସୂଚନା କମିଶନ ଜଗଦାନନ୍ଦ ଯୋଗଦେଇ ୧୯୮୦ ବଂଶଧାରା ନଦୀ ବନ୍ୟାର ସ୍ମୃତିକୁ ସାଉଁଟିବା ସହ ବଂଶଧାରା ନଦୀ ଆଡି ବନ୍ଧର ଉଚ୍ଚତା ନୁହଁ ରିଭର୍ ଫ୍ରଣ୍ଟ ଦାବି କର ବୋଲି କହିଥିଲେ । ଭାଙ୍ଗିବା ନୁହଁ ଗଢି ତୋଳିବା ପାଇଁ ଭାବନା ହେବା ଦରକାର ବୋଲି ଆଇନଜୀବୀ ପ୍ରଦିପ ଦାସ କହିଥିଲେ । ପରେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ଉମା ଦାସ ପାଠ କରିଥିଲେ ।

ଏହି ଅବସରରେ ଶିକ୍ଷକ ଦିଲ୍ଲୀପ ଚୌଧୁରୀଙ୍କ ଦ୍ୱାରା ନିର୍ଦ୍ଦେଶିତ 'ମୋ ସ୍ୱଚ୍ଛ ଗୁଣପୁର' ଆଲବମ ଲୋକାର୍ପଣ ହୋଇଥିଲା । ସମାଜ ପାଇଁ ଅବଦାନ ଥିବା ବରିଷ୍ଠ ନାଗରିକ ସିମାଦ୍ରୀ କ୍ରିଷ୍ଣା, ସୂର୍ଯ୍ୟ ନାୟକ, ଶୁବାସ ରଥ, ରମାକାନ୍ତ ପାଢି, ତାଲୁଡୁ ନାଗଭୂଷଣ ଓ ଫକିର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗୀତରେ ପ୍ରଥମ ସ୍ଥାନ ଅଧିକାର କରି ମଞ୍ଚରେ ସୁମଧୁର ସଙ୍ଗୀତ ଗାନ କରିଥିବା ସ୍ନେହାଶ୍ରୁତି ପାଢିଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବ ପରିଚାଳନା କମିଟିର ସଭାପତି ତଥା ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ, ଜିଆଇଇଟି ବିଶ୍ୱବିଦ୍ୟାଳୟ ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା ଓ ପବ୍ଲିକ ପ୍ରୋସିକ୍ୟୁଟର ପ୍ରଦୀପ ଦାଶ ମଞ୍ଚାସିନ ଥିଲେ । ନବ ନିର୍ମାଣ ସମିତିର ସମ୍ପାଦକ ରଞ୍ଜିତ ପାଢି ଅଞ୍ଚଳର କଳା ସାହିତ୍ୟର ଅଭିବୃଦ୍ଧି କଥା ଉଠାଇବା ସହ ସହର ବିକାଶରେ ସମିତିର ସେବା ଭୂମିକା ଉପରେ ଆଲୋକପାତ କରିଥିଲେ । ଏହାସହ ଗୁଣପୁରରୁ ହାଇଦ୍ରାବାଦକୁ ଟ୍ରେନ ଚଳାଚଳ, ଦ୍ୱିତୀୟ ବାଇପାସ, ଦ୍ୱିତୀୟ ପୋଲ, ଡାକ୍ତର ନିଯୁକ୍ତି, ବଂଶଧାରା ଜଳର ବ୍ୟବହାର ଦାବି ଉଠାଇଥିଲେ। ଜନଜାତି କଳା ସଂସ୍କୃତି ଷ୍ଟଲ କରି ପ୍ରସଂଶା ସାଉଁଟିଥିବା ଆୟୋଜକଙ୍କୁ ଏହି ମଞ୍ଚରେ ସମ୍ମାନିତ କରାଯାଇଥିଲା। ଶେଷରେ ସାମୂହିକ ବନ୍ଦେ ମାତରମ ସଙ୍ଗୀତ ଗାନ ହୋଇଥିଲା। ସଭାପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁନାମଧନ୍ୟ କଣ୍ଠଶିଳ୍ପୀ ଲିପ୍ସା ମହାପାତ୍ର ଓ ଡ. ଚନ୍ଦନ ଗନ୍ତାୟତଙ୍କ ସଙ୍ଗୀତରେ ଝୁମିଥିଲେ ଦର୍ଶକ। କାର୍ଯ୍ୟକ୍ରମରେ ବଂଶଧାରାର ସମ୍ପାଦିକା ଡ. ଇନ୍ଦିରା ଅଧିକାରୀ, ସହ ସମ୍ପାଦକ ରମେଶ ମିଶ୍ରଙ୍କ ସମେତ ଆବାହକ ରାଜେଶ ପାଢି, କାର୍ଯ୍ୟକାରି ସଭାପତି ତଥା ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ରମେଶ ଲିମା, କୈଳାସ ଦାସ, ଆଇନଜୀବୀ ଉମା ଚରଣ ପଟ୍ଟନାୟକ, ଭାଜପା ଜିଲା ସଭାପତି ଗୋପୀ ଆନନ୍ଦ, ପୂର୍ବତନ ସଭାପତି ଶିବ ଉଲାକା, ଯୁବନେତା ବାପି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଲୁଗୁମରେ ଗ୍ରୀଡ ସବ୍‌ଷ୍ଟେଶନ ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ

ଲମତାପୁଟ,୨୫।୧(ଭକ୍ତରାମ ବାଙ୍କିଆ)



କାର୍ଯ୍ୟକ୍ରମରେ ଉପସ୍ଥିତ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, କୋରାପୁଟ ବିଧାୟକ ରଘୁରାମ ମାଛ ଓ ଜିଲାପାଳ ମନୋଜ ସତ୍ୟବାନ ମହାଜନ ।

କୋରାପୁଟ ଜିଲା ଲମତାପୁଟ ବ୍ଲକ୍ ଅଞ୍ଚଳରେ ବିଦ୍ୟୁତ୍ ଶକ୍ତି ଭିତ୍ତିଭୂମିର ସୁଦୃଢ଼ୀକରଣ ଦିଗରେ ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଲୁଗୁମ ଗ୍ରାମରେ ୨୮ କୋଟି ଖର୍ଚ୍ଚରେ ନବନିର୍ମିତ ୧୩୩/୩୩ କେଭି ଗ୍ରୀଡ ସବ୍‌ଷ୍ଟେଶନ ରବିବାର ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଅଞ୍ଚଳର ଦୀର୍ଘ ଦିନର ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ ସହ ହଜାର ହଜାର ଉପଭୋକ୍ତା ଉପକୃତ ହେବେ ବୋଲି ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି। ଦୀର୍ଘ ବର୍ଷ ହେବ ବ୍ଲକରେ ବିଦ୍ୟୁତ୍ ସମସ୍ୟା ଲାଗିରହିଥିଲା। ବିଦ୍ୟୁତ୍ ସମସ୍ୟା ସମାଧାନ ନେଇ ବ୍ଲକ୍‌ବାସୀ ସରକାରଙ୍କ ନିକଟରେ ଦାବି କରୁଥିଲେ। ଲୁଗୁମ ଗ୍ରୀଡ୍ ସବ୍‌ଷ୍ଟେଶନ କାର୍ଯ୍ୟକ୍ଷମ ହେଲେ ସ୍ଥାନୀୟ ଚାଷୀମାନେ ଜଳସେଚନ ପାଇଁ ପର୍ଯ୍ୟାପ୍ତ ବିଦ୍ୟୁତ୍ ଶକ୍ତି ପାଇପାରିବେ। କ୍ଷୁଦ୍ର ଶିଳ୍ପର ବିକାଶରେ ଏହା ସହାୟକ ହେବ। କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ, ସିଏମଡି ଓପିଟି ସିଏଲ ଭାସ୍କର ଜ୍ୟୋତି ଶର୍ମା, ଜିଏମ ସୌନ୍ଦର୍ଯ୍ୟ କୁମାର ପଟ୍ଟନାୟକ,ଜିଲାପାଳ ମନୋଜ ସତ୍ୟବାନ ମହାଜନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଡେପୁଟି ଜିଏମ୍ ମନୋଜ କୁମାର ଲାମାୟ, ଏଜିଏମ୍ ସୌମ୍ୟ ସେନାପତି, ବିଡିଓ ଜୟନ୍ତ କୁମାର ମେହେର, ମାଛକୁଣ୍ଡ ତହସିଲଦାର ଦିବାକର ବାଗ, ଏମ୍ପି ପ୍ରତିନିଧି ରାମଚନ୍ଦ୍ର ପାଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କୋରାପୁଟ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଧା ରାଣୀ ମଞ୍ଜ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ଏମ୍ପିଙ୍କ ପ୍ରତିନିଧି ରାମଚନ୍ଦ୍ର ପାଙ୍ଗୀ ଓ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିମାନଙ୍କୁ ଅଣଦେଖା କରାଯାଇଥିବାରୁ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ମଞ୍ଚରେ ସ୍ଥାନ ନ ଦେବାରୁ ଏମ୍ପି ପ୍ରତିନିଧି ଯୁକ୍ତିତର୍କ କରିବାରୁ ଉପମୁଖ୍ୟମନ୍ତ୍ରୀ ତାଙ୍କୁ ବୁଝାଇବା ସହ କ୍ଷମା ମାଗିଥିଲେ। ଉପମୁଖ୍ୟମନ୍ତ୍ରୀ ଏମ୍ପିପ୍ରତିନିଧିଙ୍କୁକ୍ଷମା ମାଗି ମଞ୍ଚ ଉପରକୁ ନିମନ୍ତ୍ରଣ କରିଥିଲେ। ଉପମୁଖ୍ୟମନ୍ତ୍ରୀ ସିଂଦେଓ ଅତ୍ୟନ୍ତ ଧୌର୍ଯ୍ୟର ସହ ପରିସ୍ଥିତିକୁ ସମ୍ଭାଳିଥିବା ଦେଖିବାକୁ ମିଳିଥିଲା। ସରକାରୀ ଯୋଜନାର ଲାଭ ଲୋକଙ୍କ ପାଖରେ ପହଞ୍ଚିବା ଉଚିତ ଓ ବ୍ୟକ୍ତିଗତ ଅହଂକାର ଅପେକ୍ଷା ଜନସେବା ସର୍ବୋପରି ମନେ କରିଥିବା ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି।

# ନନ୍ଦପୁରରେ ଉପମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ

ନନ୍ଦପୁର,୨୫।୧(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ଗସ୍ତରେ ଆସିଥିବା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଲମତାପୁଟ ବ୍ଲକ୍‌ରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ କରିଛନ୍ତି। କୋଟିଆ ଯାଉଥିବା ବେଳେ ନନ୍ଦପୁର ବ୍ଲକ୍ ସଦର ମହକୁମା ବସ୍‌ଷ୍ଟାଣ୍ଡ ନିକଟରେ ବ୍ଲକ୍ ଭାଜପା ପକ୍ଷରୁ ସ୍ୱାଗତ କରାଯାଇଥିଲା। ଜିଲା ଭାଜପା ଉପସଭାପତି ସରୋଜ ମିଶ୍ର, ଜାତୀୟ କାଉନସିଲ ସଦସ୍ୟ ଜୟରାମ ଭୋଇ, ରାଜ୍ୟ କାଉନ୍‌ସିଲ ସଦସ୍ୟ ଭଗବାନ ମୁଦୁଲି, ଗଣେଶ ଖିଲ, ସୁରେଶ ଡଙ୍ଗାୟତ, ହରି ବେହେରା ଓ ବ୍ଲକ୍ ଭାଜପା କର୍ମୀ ଉପସ୍ଥିତ ଥିଲେ। ଉପମୁଖ୍ୟମନ୍ତ୍ରୀ କାରକେଡ ରଖି କିଛି ସମୟ ପାଇଁ ଭାଜପା କର୍ମୀ, ନନ୍ଦପୁରର ମହିଳା ଗୋଷ୍ଠୀ ଓ ବାସିନ୍ଦାଙ୍କୁ ଭେଟି ସୌଜନ୍ୟମୂଳକ କଥା ହେବାରୁ କର୍ମୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଥିବା ଉପସଭାପତି ମିଶ୍ର କହିଛନ୍ତି।

# ପାଡୁଆ ବ୍ରହ୍ମାକୁମାରୀ ପାଠଶାଳା ଲୋକାର୍ପିତ


କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ରାମଚନ୍ଦ୍ର କାଡାମ ଓ ଅନ୍ୟମାନେ।

ନନ୍ଦପୁର/ପାଡୁଆ,୨୫।୧
(ତୁଷାରକାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ପାଡୁଆ ପଞ୍ଚାୟତ ଉପର ସାହିରେ ବିଧାୟକ ପାଣ୍ଠିରେ ନିର୍ମିତ ଈଶ୍ୱରୀୟ ବିଦ୍ୟାପୀଠ ତଥା ବ୍ରହ୍ମାକୁମାରୀ ପାଠଶାଳା ରବିବାର ଲୋକାର୍ପିତ ହୋଇଛି। ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ପାଠଶାଳା ଗୃହ ଉଦ୍‌ଘାଟନ କରିଥିଲେ। ବ୍ରହ୍ମାକୁମାରୀ ମିତା ଭଉଣୀଙ୍କ ଅଧ୍ୟକ୍ଷତାରେ ବ୍ଲକ ଏମ୍ପି ପ୍ରତିନିଧି ଗୋପାଳ ମାଟାମ, ବିଧାୟକ ପ୍ରତିନିଧି କାମେସ କାମୁଡି, ବ୍ଲକ୍ କଂଗ୍ରେସ ସଭାପତି ଦେବେନ୍ଦ୍ର ଖରା, ନନ୍ଦପୁର ସେବାକେନ୍ଦ୍ର ସଞ୍ଚାଳିକା ସାବିତ୍ରୀ ଭଉଣୀ, ଅବିଭକ୍ତ କୋରାପୁଟ ଜିଲା ସବ୍ ଜୋନ ଇନ୍‌ଚାର୍ଜ ସୁମତି ଭଉଣୀ, କୋରାପୁଟ ସେବାକେନ୍ଦ୍ର ସଞ୍ଚାଳିକା ସ୍ୱର୍ଣ୍ଣ ଦିଦି ଓ ନବରଙ୍ଗପୁର ସେବାକେନ୍ଦ୍ର ସଞ୍ଚାଳିକା ନମିତା ଭଉଣୀ, ନନ୍ଦପୁର, ପାଡୁଆ, ଲମତାପୁଟ, କୋରାପୁଟ, ନବରଙ୍ଗପୁର ଅଞ୍ଚଳର ଶତାଧିକ ବ୍ରହ୍ମାକୁମାର ଓ କୁମାରୀ ଉପସ୍ଥିତ ଥିଲେ। ପୂର୍ବାହ୍ନରେ କଳସ ଯାତ୍ରା ଓ ଦିବ୍ୟଜ୍ଞାନ ଚର୍ଚ୍ଚା ଓ ବ୍ରହ୍ମ ଭୋଜନ କାର୍ଯ୍ୟକ୍ରମ ରହିଥିଲା।

# ଜାତୀୟ ମତଦାତା ଦିବସରେ ସଚେତନତା ଶୋଭାଯାତ୍ରା



ସଚେତନତା ଶୋଭାଯାତ୍ରା କରାଯାଉଛି ।

କୋରାପୁଟ,୨୫।୧(ଅମିତାଭ ବେହେରା)

କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଜାତୀୟ ମତଦାନ ଦିବସ ରବିବାର ପାଳିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଏହାକୁ ଅତିରିକ୍ତ ଜିଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ ସବୁଜ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ଜିଲାର ବିଭିନ୍ନ କଲେଜର ଛାତ୍ରୀଛାତ୍ର ସାମିଲ ହୋଇ ସହର ପରିକ୍ରମା କରି ସ୍ଥାନୀୟ ସଂସ୍କୃତି ଭବନରେ ପହଞ୍ଚିଥିଲେ। ଏଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। କୋରାପୁଟ ଅତିରିକ୍ତ ଜିଲାପାଳ ଦଳେଇ ଦିବସର ମୁଖ୍ୟ ଉଦ୍ଦେଶ୍ୟ ନେଇ ଆଲୋକପାତ କରିଥିଲେ। ସୁସ୍ଥ ଗଣତନ୍ତ୍ର ପାଇଁ ସମସ୍ତ ମତଦାତାଙ୍କୁ ମତଦାନ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ଯୋଜନା ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ନୂତନ ଭୋଟରଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇ ଶପଥ ପାଠ କରାଯାଇଥିଲା। ସମସ୍ତ ବିଏଲଓମାନଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା ଓ ରବି ଶତପଥି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜନଶୁଣାଣିରେ ଆଧାର, ରାଶନ ଆବେଦନ ସୁବିଧା କରାଇବାକୁ ଦାବି

ନନ୍ଦପୁର,୨୫।୧(ତୁଷାର କାନ୍ତ ମହାନ୍ତି)

ସପ୍ତାହର ପ୍ରତି ସୋମବାରରେ ରାଜ୍ୟ, ଜିଲା, ବ୍ଲକ ଓ ପଞ୍ଚାୟତସ୍ତରରେ ଜନଶୁଣାଣି ଶିବିର କରାଯାଇ ଲୋକଙ୍କ ଅଭିଯୋଗ ଶୁଣି ସମାଧାନ କରାଯାଉଛି। ଏହାକୁ ଅଧିକ ତ୍ୱରାନ୍ୱିତ କରିବାକୁ ଜନଶୁଣାଣିରେ ଆଧାର, ଭୋଟର, କୁଲିକାର୍ଡ ପ୍ରଭୃତି ସହ ସଂଶୋଧନ, ଯୋଗ ବ୍ୟବସ୍ଥା, ଆବାସ ଓ ଭତ୍ତା ଆଦି ସାମାଜିକ ସୁରକ୍ଷା ନେଇ ଆବେଦନ କରିବା ବ୍ୟବସ୍ଥା, ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରିବା ସୁବିଧା ପ୍ରଦାନ କରିବା ନେଇ ଦୃଷ୍ଟି ଦେବାକୁ କେତେକ ବୁଦ୍ଧିଜୀବୀ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଜନଶୁଣାଣି ମାଧ୍ୟମରେ ବ୍ଲକ୍‌ବାସୀ ଜିଲାସ୍ତରୀୟ ଅଧିକାରୀଙ୍କୁ ବ୍ଲକ୍ କାର୍ଯ୍ୟାଳୟରେ ଓ ପଞ୍ଚାୟତବାସୀ ବ୍ଲକ୍‌ସ୍ତରୀୟ ପ୍ରଶାସନିକ ଅଧିକାରୀଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ଭେଟିବା ସୁବିଧା ପାଉଛନ୍ତି। ଅଧିକାରୀମାନେ ଲୋକଙ୍କଠାରୁ ପ୍ରତ୍ୟେକ୍ଷ ଭାବେ ଅଭିଯୋଗ ଶୁଣି ପାରୁଛନ୍ତି। ଉନ୍ନୟନମୂଳକ କାର୍ଯ୍ୟକୁ ଅଧିକାରୀମାନେ ପ୍ରାଧାନ୍ୟ ଦେଇ ଅଭିଯୋଗ ପଞ୍ଜୀକୃତ କରାଯାଇଛି ଆଗକୁ ସମାଧାନ କରାଯିବ କହୁଛନ୍ତି। କିନ୍ତୁ ସାଧାରଣ ଲୋକଙ୍କ ସାଧାରଣ ଓ ମୌଳିକ ଅଧିକାର ଜନିତ ସମସ୍ୟା ଯଥା ଆଧାର, ରାଶନ, ଭୋଟର, ଆବାସ, ଭତ୍ତା, ଜନ୍ମ, ମୃତ୍ୟୁ, ଆୟ, ବେୟ, ଆବାସିକ, ଉତ୍ତରାଧିକାରୀ, ଜମିପଟ୍ଟା ଆବେଦନ ଓ ଅନ୍ୟ ସରକାରୀ ଯୋଜନାରେ ଆବେଦନ କରି ସାମିଲ କରିବାକୁ କୌଣସି ବ୍ୟବସ୍ଥା କରାଯାଉନାହିଁ। ଲୋକଙ୍କୁ ଗ୍ରାମାଞ୍ଚଳଠାରୁ ଦୂରରେ ଥିବା ବ୍ଲକ ସଦର ମହକୁମାରେ ଥିବା ଆଧାର କେନ୍ଦ୍ର, ସରକାରୀ କାର୍ଯ୍ୟାଳୟ, ସିଏସପି ଆଦିକୁ ଯାଇ ଆବେଦନ କରିବାକୁ ପରାମର୍ଶ ଦିଆଯାଇଛି। ନନ୍ଦପୁର ବ୍ଲକ ଅଞ୍ଚଳ ସମେତ କୋରାପୁଟ ଜିଲାର ୨୪୦ ପଞ୍ଚାୟତ ୮୦ ପ୍ରତିଶତ ଗାଁରୁ ୭/୮ କି.ମି. ଦୂରରେ ପଞ୍ଚାୟତ କାର୍ଯ୍ୟାଳୟ ଓ ୩୦ରୁ ୪୦ କି.ମି. ଦୂରରେ ବ୍ଲକ କାର୍ଯ୍ୟାଳୟଗୁଡ଼ିକ ରହିଛି। ରାଜ୍ୟ ସରକାର, ଜିଲା ଓ ବ୍ଲକ୍ ପ୍ରଶାସନ ୬ ମାସକୁ ଥରେ ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ଆୟୋଜିତ ହେଉଥିବା ଜନଶୁଣାଣିରେ ଆଧାର, ରାଶନ, ଭୋଟର କାର୍ଡ ପ୍ରଭୃତି ଓ ଆବାସ ଭତ୍ତା ଆଦି ଅନ୍ୟ ସରକାରୀ ଯୋଜନାର ଆବେଦନ ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି। ନନ୍ଦପୁର ବ୍ଲକର ୨୩ ପଞ୍ଚାୟତରେ ଆଧାର କାର୍ଡ ନ ଥିବାରୁ ପଞ୍ଚାୟତ ପିଛା ଶତାଧିକ ଶିଶୁ, କିଶୋର କିଶୋରୀ, ମହିଳା ପୁରୁଷ ମାନସିକ ଅସୁସ୍ଥ ରାଶନ ଓ ଭତ୍ତା ଆଦି ସୁବିଧା ଏବଂ ଅନ୍ୟ ସରକାରୀ ଯୋଜନାରୁ ବଞ୍ଚିତ ରହିଛନ୍ତି। ଆନ୍ଧ୍ର ସୀମାନ୍ତ ଓ ଦୁର୍ଗମ ଅଞ୍ଚଳର ଖିନବର୍, ଚାଟୁଆ, ପାଞ୍ଚଲୁଙ୍ଗ, ବିଲାପୁଟ, ଗୋଲୁର, କୁଲାରସିଂ, ନନ୍ଦକା, ଖେମୁଣ୍ଡୁଗୁଡ଼ା, କସନ୍ଦି ଓ ଅତଣ୍ଡା ଆଦି ପଞ୍ଚାୟତବାସୀଙ୍କ କ୍ଷେତ୍ରରେ ଏଭଳି ଅଭିଯୋଗ ଅଧିକ ରହିଛି। ଲୋକେ ନିଜର ଅଶିକ୍ଷିତତା, ଆର୍ଥିକ ସ୍ଥିତି, ଗ୍ରାମଠାରୁ ବ୍ଲକ୍ ସଦର ମହକୁମାର ଦୂରତା ଯୋଗୁ ଅଧିକାଂଶ ସରକାରୀ ଯୋଜନାରେ ସାମିଲ ହୋଇପାରୁନାହାଁନ୍ତି। ରାଜ୍ୟ ସରକାର ପଞ୍ଚାୟତସ୍ତରୀୟ ଜନଶୁଣାଣିରେ ଉପର ଲିଖିତ ସମସ୍ତ ପରିଚୟ ପତ୍ର ପ୍ରସ୍ତୁତି ଓ ଆବେଦନ ସୁବିଧା ପ୍ରଦାନ କରିବା ବ୍ୟବସ୍ଥା କଲେ ଜନଶୁଣାଣି ଅଧିକ ଆଦୃତ ଓ ଲୋକପ୍ରିୟ ହୋଇପାରିବ ବୋଲି ବୁଦ୍ଧିଜୀବୀ କହିଛନ୍ତି।

# ଦେଶର ଏକତା, ଅଖଣ୍ଡତା ବଜାୟ ରଖିବାକୁ ବାର୍ତ୍ତା

ଜୟପୁର,୨୫।୧(ପବନ ପାଣିଗ୍ରାହୀ)

## ଏନ୍‌ସିସି କ୍ୟାଡେଟ୍‌ଙ୍କ ସାଇକେଲ ରାଲି

ଜୟପୁର ୧୫ ଓଡ଼ିଶା ବାଟାଲିୟନ ଏନ୍‌ସିସି କ୍ୟାଡେଟ୍‌ଙ୍କ ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ଅବସରରେ ସାଇକେଲ ରାଲି ରବିବାର ଅନୁଷ୍ଠିତ ହୋଇଯାଇଛି। ଦେଶପ୍ରେମ ଓ ସାମାଜିକ ସଚେତନତା ବାର୍ତ୍ତା ନେଇ ଏହି ରାଲି ବାହାରି ସହରର ନେକ୍ସା ଶୋ ରୁମ୍‌ରୁ ଏନ୍‌ଏଚ୍ ୨୬ ମୁଖ୍ୟ ମାର୍ଗ ଦେଇ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ପହଞ୍ଚିଥିଲା। ଏହାକୁ ମୁଖ୍ୟ ଅତିଥି କମାଣ୍ଡିଂ ଅଫିସର ଲ୍ୟୁଟନାଣ୍ଟ କର୍ଣ୍ଣେଲ୍ ପ୍ରୀତିରଞ୍ଜନ ଦାସ, କ୍ୟାପଟେନ ଡ.ଲକ୍ଷ୍ମଣ ପାତ୍ର, ଡ.ସିଦ୍ଧାର୍ଥ ନାୟକ, ସୁବେଦାର୍ ପ୍ରବୀଣ କୁମାର ଓ ନିଶାନ ପଟ୍ଟନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କ୍ୟାଡେଟମାନେ ସାଇକେଲ ଚଲାଇ ଲୋକଙ୍କୁ ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବାକୁ ବୁଝାଇଥିଲେ। ସାଇକେଲ ରାଲି ମାଧ୍ୟମରେ ପରିବେଶ ସୁରକ୍ଷା ଓ ଫିଟନେସ ପ୍ରତି ସଚେତନ ରହିବାକୁ ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଏନ୍‌ସିସି ଅଧିକାରୀ କ୍ୟାପଟେନ ଡ.ଲକ୍ଷ୍ମଣ ପାତ୍ର, ପ୍ରକାଶ ବିଦ୍ୟାଳୟର ରାଜେନ୍ଦ୍ର ସାହୁ, ସେଣ୍ଟ ଜାଭିୟର ସ୍କୁଲ ଓ ବିଜ୍ଞାନ ଇଣ୍ଟରନ୍ୟାଶନାଲ ସ୍କୁଲର ସିଟିଓ, ସମସ୍ତ କ୍ୟାଡେଟ ଓ କର୍ମକର୍ତ୍ତା ସହଯୋଗ କରିଥିଲେ।

# ମା'ତାରିଣୀ ମନ୍ଦିର ବାର୍ଷିକ ଉତ୍ସବ

ସୁନାବେଡା,୨୫।୧(କୃତ୍ତିବାସ ପ୍ରଧାନ)


ମା' ତାରିଣୀଙ୍କ ରାଜ ରାଜେଶ୍ୱରୀ ବେଶ।

କୋରାପୁଟ ଜିଲା ସୁନାବେଡା ହାଲ ଟାଉନଶିପ ବି ଜୋନରେ ମା' ତାରିଣୀ ମନ୍ଦିରର ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଶନିବାର ସ୍ଥାନୀୟ ଜି ଜୋନ ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରୁ କଳସଯାତ୍ରା କରାଯାଇଥିଲା। ମନ୍ଦିର ପ୍ରାଙ୍ଗଣର କୂଅରୁ ୧୦୮ କଳସ ପାଣି ଧରି ମହିଳା ଓ ପୁରୁଷ ସଂକୀର୍ତ୍ତନ କରି ତାରିଣୀଙ୍କ ମନ୍ଦିରରେ ପହଞ୍ଚିଥିଲେ। ରବିବାର ମା'ଙ୍କ ରୀତିନୀତି ସହ ସୂର୍ଯ୍ୟ ପୂଜା, ଗୋ ପୂଜା, ଅଗ୍ନି ସ୍ଥାପନ,ଚଣ୍ଡୀ ପାଠ,ଦୀପ ଯଜ୍ଞ,ଆରତୀ ଓ ପୁଷ୍ପାଞ୍ଜଳି ପରେ ସନ୍ଧ୍ୟା ୭ଟାରେ ପୂର୍ଣ୍ଣାହୁତି ହୋଇଥିଲା। ଏଥିରେ ମୁଖ୍ୟ ପୂଜକ ପଣ୍ଡିତ ରାକେଶ ମିଶ୍ର ଓ ଅନିଲ କୁମାର ପଣ୍ଡା, ମନ୍ଦିର ପୂଜକ ଡମ୍ବରୁଧର ଦାସ, ଦେବାଶିଷ ଦାସ ଓ ଲିଙ୍ଗରାଜ ପାଣିଗ୍ରାହୀ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟକର୍ତ୍ତା କାମଦେବ ପରିଡା ଓ ତାଙ୍କ ସହଧର୍ମିଣୀ ସ୍ମରଣୀକା ପରିଡା ଦାୟିତ୍ୱ ତୁଲାଇଥିଲେ। ସ୍ଥାନୀୟ ତଥା ଆଖପାଖ ଅଞ୍ଚଳର ଶହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ରବିବାର ମା'ଙ୍କୁ ରାଜରାଜେଶ୍ୱରୀ ବେଶରେ ଦର୍ଶନ କରିଥିଲେ।

# 'ଓକିଲାତି ଏକ ପେଶା ନୁହେ ବ୍ରତ ହେବା ଆବଶ୍ୟକ'

କୋରାପୁଟ,୨୫।୧
(ଅମିତାଭ ବେହେରା)



ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ତଣ୍ଡନ କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ତଣ୍ଡନ ତିନିଦିନିଆ କୋରାପୁଟ ଗସ୍ତରେ ଆସି ରବିବାର ସମସ୍ତ କୋର୍ଟ ବୁଲି ଦେଖିଛନ୍ତି। ବାର ଆସୋସିଏଶନର ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିଲେ। ମୁଖ୍ୟ ବିଚାରପତି ତଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ କୋର୍ଟ ସମ୍ମୁଖରେ ଆୟୋଜିତ ସଭାରେ ମୁଖ୍ୟ ବିଚାରପତି ତଣ୍ଡନ ଓ ଜଷ୍ଟିସ ଦାସ କୋରାପୁଟ ବାର ଆସୋସିଆନକୁ ସମ୍ବୋଧିତ କରିଥିଲେ। ଆସୋସିଏଶନର ସମସ୍ତ ସମସ୍ୟାକୁ ଶ୍ରୀଘ୍ର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଓକିଲାତି ଏକ ପେଶା ନୁହଁ ବ୍ରତ ହେବା ଆବଶ୍ୟକ ବୋଲି କହିଥିଲେ। ସଭାରେ ବାର ଆସୋସିଏଶନର ସମସ୍ତ ସଦସ୍ୟା ସଦସ୍ୟ, ନବନିଯୁକ୍ତ ସରକାରୀ ଓକିଲ ଉପସ୍ଥିତ ଥିଲେ। କର୍ଯ୍ୟକ୍ରମରେ କୋରାପୁଟ ବାର ସଂଘ ସଭାପତି ପ୍ରଭାତ କୁମାର ମହାପାତ୍ର ଉପସଭାପତି କୃଷ୍ଣ ସିଂ, ସମ୍ପାଦକ ସୁନୀଲ ଜେନା, କୋଷାଧ୍ୟକ୍ଷ କାମାକ୍ଷା ପ୍ରସାଦ ମାଝୀ ଓ ଆଇନଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କ ମୃତ୍ୟୁ ମାମଲା: ସ୍ୱାମୀ, ଶାଶୁ,ଶ୍ୱଶୁର ଗିରଫ

ନନ୍ଦପୁର/ପାଡୁଆ, ୨୫।୧
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ବାଡେଲ ପଞ୍ଚାୟତ ସଦର ମହକୁମାର ମହିଳାଙ୍କ ମୃତ୍ୟୁ ଘଟଣାରେ ପାଡୁଆ ପୋଲିସ ସ୍ୱାମୀ,ଶାଶୁ ଓ ଶ୍ୱଶୁରଙ୍କୁ ରବିବାର ଗିରଫ ସହ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ମୃତା ମହିଳା ଅନ୍ୱେଷାଙ୍କ ସ୍ୱାମୀ ଆଶିଷ ଶୁକ୍ରି, ଶାଶୁ ରାଧିକା ଶୁକ୍ରି ଓ ଶ୍ୱଶୁର ଘାସି ଶୁକ୍ରି।

ସୂଚନାନୁଯାୟୀ, ନନ୍ଦପୁର ବାହିରିପଡ଼ାର ସୁବାଷ ମାଛଙ୍କ ଝିଅ ଅନ୍ୱେଷା ବାଡେଲ ଗ୍ରାମର ଆଶିଷଙ୍କୁ ୨ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। କିନ୍ତୁ ବୁଧବାର ଗୁରୁତର ଅବସ୍ଥାରେ ଅନ୍ୱେଷାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ପରେ ତାଙ୍କ ସ୍ୱାମୀ ଓ ପରିବାର ଅନ୍ୟ ସଦସ୍ୟମାନେ ହସ୍ପିଟାଲରୁ ଫେରାର ହୋଇଯାଇଥିଲେ। ଏ ନେଇ ଅନ୍ୱେଷାଙ୍କ ବାପା ଝିଅଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଉଥିବା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୧/୨୬ରେ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ ଅଟକ ରଖିଥିଲା। ପାଡୁଆ ଅତିରିକ୍ତ ଥାନାଧିକାରୀ ଟୁନା ବିଡ଼ିକା ତଦନ୍ତ କରୁଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ଓ ଜେରାରୁ ପୋଲିସ ପାଇଥିବା ତଥ୍ୟ ଅନୁସାରେ ସତ୍ୟତା ଜଣାପଡ଼ିଥିଲା।

# ମତଦାନ ରିଲସ୍ କରି ରାଜ୍ୟସ୍ତରରେ ଛାତ୍ରୀ ପୁରସ୍କୃତ

କୁନ୍ଦୁରା,୨୫।୧(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ଛାତ୍ରୀ ପ୍ରତ୍ୟୁଷା ପାତ୍ର ରାଜ୍ୟସ୍ତରରେ ପୁରସ୍କୃତ ହୋଇଛନ୍ତି। ରାଜ୍ୟ ଅତିରିକ୍ତ ନିର୍ବାଚନ ଆୟୁକ୍ତ ଲକ୍ଷ୍ମୀପ୍ରସାଦ ସାହୁ, କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ଜିଲା ଶିକ୍ଷାଧିକାରୀଙ୍କୁ ରାଜ୍ୟ କନଭେନଶନ ହଲରେ ପୁରସ୍କୃତ କରିବା ଏବଂ ପ୍ରତିଯୋଗୀଙ୍କୁ ଉପସ୍ଥିତ ରଖିବାକୁ ନିର୍ଦ୍ଦେଶ କରିଥିଲେ। କୁନ୍ଦୁରା ବିଡିଓ ପି.ମନସ୍ୱିତାଙ୍କ ଜରିଆରେ ପ୍ରତ୍ୟୁଷାଙ୍କୁ ଖବର ଦିଆଯାଇଥିଲା। ମତଦାନ ଭିତ୍ତିକ ରିଲସ ପ୍ରତିଯୋଗିତାରେ କଲେଜର ୨ୟ ବର୍ଷ ଛାତ୍ରୀ ପ୍ରତ୍ୟୁଷା ରାଜ୍ୟରେ ପ୍ରଥମ ହୋଇଛନ୍ତି। ମୁଖ୍ୟ ନିର୍ବାଚନ ଆୟୁକ୍ତ ଭୁବନେଶ୍ୱରରେ ତାଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ପ୍ରତ୍ୟୁଷା ଅନେକ ଯୋଜନା ଭିତ୍ତିକ ରିଲସ କରି ଲୋକଙ୍କ ନିକଟତର ହୋଇ କୁନ୍ଦୁରା ଓ ଜିଲାସ୍ତରରେ ଜଣାଶୁଣା। ସେ ଆଦିବାସୀ, ସମ୍ବଲପୁରୀ ଏବଂ ୧୦ରୁ ଉର୍ଦ୍ଧ୍ୱ ଓଡ଼ିଆ ଆଲବମରେ ଅଭିନୟ କରିଛନ୍ତି। ୫ ଆଦିବାସୀ ଚଳଚ୍ଚିତ୍ର କରିବା ସହ ଏକ ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରୁଥିବା ପ୍ରତ୍ୟୁଷା ସୂଚନା ଦେଇଛନ୍ତି। ଜିଲାପାଳଙ୍କ ସମେତ ବିଧାୟକ ରୂପୁ ଭତ୍ରା, ଉପଜିଲାପାଳ ଏ.ଶସ୍ୟା ରେଢ୍ଢୀ, ତହସିଲଦାର ବିନୋଦ ଚନ୍ଦ୍ର ନାଏକ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଅଧ୍ୟାପକମାନେ ଶୁଭେଚ୍ଛା ଜଣାଇଛନ୍ତି।


ଅତିଥିମାନେ ପ୍ରତ୍ୟୁଷାଙ୍କୁ ପୁରସ୍କୃତ କରୁଛନ୍ତି।

# ମୁଖ୍ୟ ରାସ୍ତାରେ ହାଟ: ବଢୁଛି ଟ୍ରାଫିକ୍ ସମସ୍ୟା

କୋରୁକୋଣ୍ଡା,୨୫।୧(ଶିବଦତ୍ତ ସାହୁ)


ବାଲିମେଳା-ମାଲକାନଗିରି ମୁଖ୍ୟରାସ୍ତା ପାର୍ଶ୍ୱରେ ବସିଥିବା ହାଟ ।

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଚିତାପାରି-୩ ପଞ୍ଚାୟତ ଏମ୍‌ଭି-୩୭ ଗାଁରେ ପ୍ରତି ଶନିବାର ସାପ୍ତାହିକ ହାଟ ବସୁଛି। କିନ୍ତୁ ବ୍ୟବସାୟୀଙ୍କ ପାଇଁ ପିଣ୍ଡି ଓ ମାର୍କେଟ କମ୍ପ୍ଲେକ୍ସ ନ ଥିବାରୁ ସେମାନେ ବାଧ ହୋଇ ବାଲିମେଳା-ମାଲକାନଗିରି ମୁଖ୍ୟ ରାସ୍ତା ପାର୍ଶ୍ୱରେ ପନିପରିବା ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ସାମଗ୍ରୀର ପସରା ମେଲାଉଛନ୍ତି।ଫଳରେ ରାସ୍ତା ଉପରେ ଟ୍ରାଫିକ ସମସ୍ୟା ଲାଗି ରହୁଥିବାରୁ ଉକ୍ତ ରାସ୍ତା ଦେଇ ଯାତାୟତ କରୁଥିବା ଯାତ୍ରୀମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ ହେଉଛି। ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ସାପ୍ତାହିକ ହାଟ ପାଇଁ ଏକ ସ୍ୱତନ୍ତ୍ର ଜାଗା ଚିହ୍ନଟ କରି ସେଠାରେ ବ୍ୟବସାୟୀଙ୍କ ପାଇଁ ଆବଶ୍ୟକ ହେଉଥିବା ଏକ ନୂତନ ମାର୍କେଟ କମ୍ପ୍ଲେକ୍ସ ଓ ପିଣ୍ଡି ନିର୍ମାଣ କରିବାକୁ ଅଞ୍ଚଳବାସୀ ବହୁବାର ପଞ୍ଚାୟତ କର୍ତ୍ତୃପକ୍ଷ ଓ ବ୍ଲକ ପ୍ରଶାସନ ନିକଟରେ ନିବେଦନ କରିଥିଲେ ସୁଦ୍ଧା କୌଣସି ସ୍ଥାୟୀ ସମାଧାନ କରାଯାଉନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ହାଟରେ ବ୍ୟବସାୟ କରୁଥିବା ବେପାରୀମାନଙ୍କଠାରୁ ପଞ୍ଚାୟତ କର୍ତ୍ତୃପକ୍ଷ ନିୟମିତ ଟିକସ ନେଉଛନ୍ତି। କିନ୍ତୁ ଦୀର୍ଘବର୍ଷ ଧରି ରାସ୍ତା ପାର୍ଶ୍ୱରେ ବିପଦସଂକୁଳ ଅବସ୍ଥାରେ ବସି ବ୍ୟବସାୟ କରୁଥିବା ଅଞ୍ଚଳବାସୀ କହିଛନ୍ତି। ଚାଷୀ,ଛୋଟ ବଡ ବ୍ୟବସାୟୀମାନେ ଖରା, ବର୍ଷା ଓ ହାଡଭଙ୍ଗା ଶୀତରେ ଖୋଲା ଆକାଶ ତଳେ ବସି ସାମଗ୍ରୀ ବିକ୍ରି କରୁଛନ୍ତି। ଏହି ହାଟ ଉପରେ ଏମଭି -୧୨୨,ଏମଭି -୩୬, ଏମଭି -୩୮, ଏମଭି -୧୦୮, ଏମଭି -୩୭, ଏମଭି -୩୫, ଏମଭି -୧୦୩, ଏମଭି -୧୦୯, ଏମଭି -୧୦୪, ତାର୍ଲାକୋଟା, ସି କଲୋନୀ, କେନ୍ଦୁଗୁଡା,ପୁଷପାଲୀ, ରଙ୍ଗମାଟି ଗୁଡା,ସୋମନାଥପୁର, ସଦାଶିବ ପୁର ସମେତ ବିଭିନ୍ନ ପଞ୍ଚାୟତର ବହୁ ଗ୍ରାମବାସୀ ନିର୍ଭର କରୁଛନ୍ତି। ହାଟ ଦିନ ରାସ୍ତାରେ ଲୋକଙ୍କ ଭିଡ଼ ଜମୁଥିବାରୁ ଗାଡି ଚଳାଚଳରେ ଅସୁବିଧା ହେଉଛି। ଏ ସମ୍ପର୍କରେ କୋରୁକୋଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି,ଏ ନେଇ ତୁରନ୍ତ ରାଜସ୍ୱ ବିଭାଗର ତହସିଲଦାରଙ୍କ ସହ ଆଲୋଚନା କରି ରାଜସ୍ୱ ନିରୀକ୍ଷକଙ୍କ ଜରିଆରେ ମାର୍କେଟ କମ୍ପ୍ଲେକ୍ସ ଓ ପିଣ୍ଡି ନିର୍ମାଣ କରିବା ପାଇଁ ଜାଗା ଚିହ୍ନଟ କରାଯିବ। ଜାଗା ଚିହ୍ନଟ ହେବା ପରେ ହାଟ ପାଇଁ ଆବଶ୍ୟକ ହେଉଥିବା ପିଣ୍ଡି ନିର୍ମାଣ କରାଯିବ ବୋଲି ବିଡ଼ିଓ ସାହୁ କହିଛନ୍ତି।

## ହାଟ ପାଇଁ ନାହିଁ ସ୍ୱତନ୍ତ୍ର ସ୍ଥାନ

# ସଡ଼କ ସୁରକ୍ଷା ଉପରେ ଗୁରୁତ୍ୱାରୋପ

## ବାଣିଜ୍ୟ, ପରିବହନ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ମାଲକାନଗିରି,୨୫।୧ (ଦୁର୍ଯ୍ୟୋଧନ ପାତ୍ର)



ବୈଠକରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଜିଲାପାଳ ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନା ରବିବାର ସର୍କିଟ ହାଉସ୍‌ଠାରେ ବିଭାଗୀୟ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକ କରିଛନ୍ତି। ଜିଲାର ପରିବହନ କାର୍ଯ୍ୟକ୍ରମ କଡାକଡି ଭାବରେ ଯାଞ୍ଚ କରିବା, ଦୁର୍ଘଟଣା ସ୍ଥିତି ଆଦି ଉପରେ ମନ୍ତ୍ରୀ ଆଲଚୋନା କରିଥିଲେ। ଜିଲା ଖଣିଜ ଅଧିକାରୀଙ୍କ ସହିତ ଜିଲାର କ୍ଷୁଦ୍ର ଓ ବୃହତ ଖଣିଜ କ୍ଷେତ୍ର ଉପରେ ପଚାରି ବୁଝିବା ସହ ନିୟମିତ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସଡକ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରି ମନ୍ତ୍ରୀ ଦୁର୍ଘଟଣା ସହାୟତା ବିଷୟରେ ଅଧିକ ସଚେତନତା ସୃଷ୍ଟି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଧିକରୁ ଅଧିକ ଅଥରାଇଜଡ୍ ପଲ୍ୟୁସନ ସେଣ୍ଟର ଖୋଲିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଜନସାଧାରଣଙ୍କ ସହାୟତା ନିମନ୍ତେ ହେଲ୍ପ ଡେସ୍କ ଖୋଲି ଜଣେ ଅଧିକାରୀଙ୍କୁ ନିୟୋଜିତ କରିବା ପାଇଁ କୁହାଯାଇଛି। ଓଏସଆରଟିସି ଅଧିକାରୀଙ୍କୁ ସମସ୍ତ ଗାଡିର ଚିରୁଟିଂ କରିବାକୁ ମଧ୍ୟ କୁହାଯାଇଛି।

ସେହିପରି ଜିଲାରେ ଅମାନିଆ ଗାଡି ଚାଳକଙ୍କୁ ଧରିବା ପାଇଁ ଗୋବିନ୍ଦପାଲୀଠାରୁ ମୋଟୁ ପର୍ଯ୍ୟନ୍ତ ରାସ୍ତାରେ ଆଇ.ଏମ୍.ଏସ୍. (ଇନ୍ସିଡେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସ୍) ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ଦେବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଓଏସଆରଟିସି ଡିପୋରେ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ରହିଛି ନା ନାହିଁ ମନ୍ତ୍ରୀ ପଚାରି ବୁଝିଥିଲେ। ମାଲକାନଗିରି ବସ୍‌ଷ୍ଟାଣ୍ଡ ନିମନ୍ତେ ଉନ୍ନତମାନର ସମସ୍ତ ବ୍ୟବସ୍ଥା କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଖଣି କ୍ଷେତ୍ରରେ ନିୟମିତ ତଦାରଖ କରିବା ପାଇଁ ତହସିଲଦାର, ଖଣି ଅଧିକାରୀ ଓ ପଲ୍ୟୁସନ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନେଇ ଏକ ଏନଫୋର୍ସମେଣ୍ଟ ଟିମ୍ ଗଠନ କରିବାକୁ ଜିଲାପାଳଙ୍କୁ କୁହାଯାଇଛି। ସେହିପରି ନୂଆ ଏମ୍.ଏସ୍.ପିରୁ ଅଧିକ ଦରରେ କେହି ବାଲି ବିକ୍ରି କରିପାରିବେ ନାହିଁ ବୋଲି ମନ୍ତ୍ରୀ କହଛନ୍ତି। ମିଳିତ ଭାବେ କ୍ରିୟାଶୀଳ ହୋଇ କାର୍ଯ୍ୟ କରିବା ପାଇଁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀଙ୍କ ସମସ୍ତ ନିର୍ଦ୍ଦେଶକୁ ବିଭାଗୀୟ ଅଧିକାରୀ ଗୁରୁତର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ବୈଠକରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଅତିରିକ୍ତ ଜିଲାପାଳ ରାଜସ୍ୱ ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନର୍ବାହୀ ଅଧିକାରୀ ଦାଶରଥୀ ସରାବୁ ପ୍ରମୁଖ ଉପସ୍ଥିତ ଥିଲେ।

# ଫାଇନାଲରେ ନବରଙ୍ଗପୁର, ରାଇଘର ରାଜସ୍ୱ ଦଳ



ଅତିଥିଙ୍କ ସହ ଖେଳାଳିମାନେ।

## ଜିଲା ରାଜସ୍ୱ ପ୍ରିମିୟର ଲିଗ୍

ନବରଙ୍ଗପୁର,୨୫।୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ଆୟୋଜିତ ରାଜସ୍ୱ ପ୍ରିମିୟର ଲିଗ୍‌ର ଫାଇନାଲ ମ୍ୟାଚରେ ନବରଙ୍ଗପୁର, ରାଇଘର ରାଜସ୍ୱ ଦଳ ପହଞ୍ଚିଛନ୍ତି। ରବିବାର ତୃତୀୟ ଦିନରେ ଦୁଇଟି ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ନବରଙ୍ଗପୁର କଳାହାଣ୍ଡି ପଡିଆରେ ଅନୁଷ୍ଠିତ ଗ୍ରୁପ ଏର ସେମିଫାଇନାଲ ମ୍ୟାଚରେ ଜିଲାପାଳ ଏକାଦଶ, କୋଡ଼ିଙ୍ଗା ରାଜସ୍ୱ ଏକାଦଶକୁ ପରାସ୍ତ କରିଛି। ସେହିପରି ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଅନୁଷ୍ଠିତ ଗ୍ରୁପ ବିର ସେମିଫାଇନାଲ ମ୍ୟାଚରେ ରାଇଘର ରାଜସ୍ୱ ଏକାଦଶ ଉମରକୋଟ ରାଜସ୍ୱ ଏକାଦଶକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ମ୍ୟାଚର ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ବର୍ମନ (ରାଜସ୍ୱ), ଅତିରିକ୍ତ ଜିଲାପାଳ ତପନ କୁମାର ଖୁଣ୍ଟିଆ(ସାଧାରଣ ) ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଉପ ଜିଲାପାଳ ପ୍ରକାଶ ମିଶ୍ର, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ସହକାରୀ ଜିଲାପାଳ ମନମୋହନ ସାହୁ, କୋଡ଼ିଙ୍ଗା ତହସିଲଦାର ତୁଳା ମୁଦୁଲି, ଜିଲା କ୍ରୀଡା ସଂଘର ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ଉମରକୋଟ ଦଳ ପକ୍ଷରୁ ତହସିଲଦାର ମାଘବାନ ବାଗ ଏବଂ ରାଇଘର ରାଜସ୍ୱ ଦଳ ପକ୍ଷରୁ ରିତୁ ସିଂ ନିଜ ଦଳର ନେତୃତ୍ୱ ନେଇଥିବା ବେଳେ ଡାବୁଗାଁ ତହସିଲଦାର ସମୀର କୁମାର ପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ବିଜେତା ଦଳକୁ ୧୦ ହଜାର ଟଙ୍କା, ଉପବିଜେତା ଦଳକୁ ୫ ହଜାର ଟଙ୍କା ଏବଂ ସିରିଜର ସର୍ବୋତ୍ତମ ଖେଳାଳିକୁ ୧ ହଜାର ଟଙ୍କା ପୁରସ୍କାର ରାଶି ରହିଛି। ନବରଙ୍ଗପୁର ଷ୍ଟାଡିୟମରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ରାଜସ୍ୱ ବିଭାଗର ଜାଭେଦ ଅକତାର ଏବଂ ଉମରକୋଟ ଷ୍ଟାଡିୟମରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ରାଜେଶ ତିୱାରୀଙ୍କ ସମେତ ବିଭାଗର ଅନ୍ୟ କର୍ମକର୍ତ୍ତା ଆୟୋଜନ କରିବାରେ ସହଯୋଗ କରୁଛନ୍ତି।

# ଶିକ୍ଷା ସଚେତନତା ସୃଷ୍ଟି ଲକ୍ଷ୍ୟରେ ମିନି ମାରାଥନ୍



କାର୍ଯ୍ୟକ୍ରମରେ ଉପସ୍ଥିତ ମାଲକାନଗିରି ଏସ୍‌ପି ବିନୋଦ ପାଟିଲ୍ ଓ ଅନ୍ୟମାନେ ।

ମାଲକାନଗିରି,୨୫।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ଷ୍ଟାଡିୟମରୁ ମାଲ୍ୟବନ୍ତ ହଷ୍ଟେଲ ଯାଏ କିଟ୍ ଓ କିସ୍ ପକ୍ଷରୁ ମିନି ମାରାଥନ ରବିବାର ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଏସ୍‌ପି ବିନେଦ ପାଟିଲ ପତାକା ଦେଖାଇ ମାରାଥନ ଶୁଭାରମ୍ଭ କରିଥିଲେ। ହଷ୍ଟେଲ ପରିସରରେ ମିନି ମାରାଥନ ଉଦ୍‌ଯାପନୀ କରାଯାଇଥିଲା। କାର୍ଯ୍ୟକ୍ରମରେ ଇନ୍ସପେକ୍ଟର ଲକ୍ଷ୍ମୀନାରାୟଣ ମୁଦୁଲି, ସାମାଜିକ କର୍ମୀ ଦେବବ୍ରତ ସାନା, ସାମାଜିକ କର୍ମୀ ରତ୍ନାକର ଦାସ, ଶ୍ୟାମସୁନ୍ଦର ନାୟକ, ମେନକା ନମୋ ଯୋଗଦେଇଥିଲେ। ପ୍ରତିବର୍ଷ କିଟ୍ ଓ କିସ୍ ପକ୍ଷରୁ ଜାନୁଆରୀ ଶେଷ ରବିବାରରେ ଏହି ମିନି ମାରାଥନ ଆୟୋଜନ କରାଯାଇଥାଏ। ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ପୂର୍ବରୁ ଏହି ଗଣଦୌଡ଼ ଆୟୋଜନ କରାଯାଇଛି। ସମସ୍ତଙ୍କ ପାଇଁ ଶିକ୍ଷା ବାର୍ତ୍ତା ନେଇ ୨୦୨୬ ଜାନୁଆରୀ ୨୫ରେ ଓଡ଼ିଶାର ସମସ୍ତ ଜିଲା ଓ ଭାରତର ମେଟ୍ରୋ ସହର ଗୁଡ଼ିକରେ ଏହି ମିନି ମାରାଥନ କରାଯାଏ। ସମସ୍ତଙ୍କ ପାଇଁ ଶିକ୍ଷା ଲକ୍ଷ୍ୟ ନେଇ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଏହି ପ୍ରୟାସ କରୁଛନ୍ତି। ଶିକ୍ଷା ହେଉଛି ଶିଶୁର ୩ ୟ ନୟନ। ଦାରିଦ୍ରତା ଯୋଗୁ କୌଣସି ପିଲା ଶିକ୍ଷାରୁ ବଞ୍ଚିତ ନ ହେବା ଡ.ସାମନ୍ତ ପ୍ରୟାସ ଜାରି ରଖିଛନ୍ତି। କାର୍ଯ୍ୟକ୍ରମକୁ କିସ୍ ଜିଲା ବରିଷ୍ଠ ସଂଯୋଜକ ରମ୍ୟରଞ୍ଜନ ପରିଡା ସହଯୋଗ କରିଥିଲେ। ସହ ସଂଯୋଜକ ଉତ୍ତମ ସାହା, ଆର୍ଟ ଅଫ ଗିଭିଂର ଜିଲା ସଂଯୋଜକ ସୁଶାନ୍ତ ସାମଲ, ଆଓମାର ପ୍ରତିଷ୍ଠାତା ବିନାଶ ମିଶ୍ର, ରୋଟାରି କ୍ଲବ ସଭାପତି ଲବ ସାହୁ, ସମ୍ପାଦକ ସୁରେଶ ସୋମାନୀ, ନାରାୟଣ ବୈରାଗୀ ଓ ଖବରଦାତା ପ୍ରସାଦ ନାୟକ ସହଯୋଗ କରିଥିଲେ।

## ବାଇକ୍ ଚୋରି ଅଭିଯୋଗ: ଜଣେ ଗିରଫ

ଜୟପୁର,୨୫।୧(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସଦର ପୋଲିସ ବାଇକ୍ ଚୋରି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ ସହ କୋର୍ଟଚାଲାଣ କରିଛି। ସେ ହେଲେ ଅନ୍ତା ଗ୍ରାମର ରାହୁଲ ଓଙ୍କା(୨୩)। ଭକ୍ତରାମ ହରିଜନଙ୍କ ବାଇକ୍ ଘର ନିକଟରୁ ଜାନୁଆରୀ ୪ରେ ଚୋରି ହୋଇଥିବା ନେଇ ଅଭିଯୋଗ କରିଥିଲେ। ସଦର ପୋଲିସ ଏକ ମାମଲା ରୁଜୁ କରି ସନ୍ଧାନ ଜାରି ରଖିଥିଲେ। ଅଭିଯୁକ୍ତଙ୍କଠାରୁ ବାଇକ ଜବତ କରାଯାଇଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଟିକିରିରେ ବଜରଙ୍ଗ ଦଳ ବୈଠକ

ଟିକିରି,୨୫।୧ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ପଞ୍ଚାୟତର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରବିବାର ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସଂଗଠନକୁ ସୁଦୃଢ଼ କରିବା, ହିନ୍ଦୁ ସମାଜକୁ ସଂଗଠିତ କରିବା ଓ କାର୍ଯ୍ୟକର୍ତ୍ତାଙ୍କୁ ସକ୍ରିୟ କରିବା ନେଇ ଆଲୋଚନା କରାଯାଇଥିଲା। ଏଥିସହ ଟିକିରି ପଞ୍ଚାୟତ ପାଇଁ ବଜରଙ୍ଗ ଦଳର ନୂତନ କାର୍ଯ୍ୟକର୍ତ୍ତାଙ୍କ ଦାୟିତ୍ୱ ଘୋଷଣା କରାଯାଇଥିଲା। ବଜରଙ୍ଗ ଦଳ କାଶୀପୁର ବ୍ଲକ ସଂଯୋଜକ ଭାବେ କିରଣ କୁମାର, ଟିକିରି ପଞ୍ଚାୟତ ସଂଯୋଜକ ସୂର୍ଯ୍ୟନାରାୟଣ ନାୟକ, ସହ-ସଂଯୋଜକ ପିୟାଂଶୁ ପ୍ରଧାନୀ, ମିଳନ କେନ୍ଦ୍ର ପ୍ରମୁଖ, ସଞ୍ଜୟ ବେହେରା ସୁରକ୍ଷା ପ୍ରମୁଖ ଏବଂ ବୈକୁଣ୍ଠ ଦୁରିଆ ଗୋ-ସୁରକ୍ଷା ପ୍ରମୁଖ, ରାମଚନ୍ଦ୍ର ସାହୁ ବଳ ଉପାସନା ପ୍ରମୁଖ, ସୁନୀଲ କୁମାର ବେହେରା ଏବଂ ବିଦ୍ୟାର୍ଥୀ ପ୍ରମୁଖ ସମର ନାଥ ପଣ୍ଡା। ବୈଠକରେ ବିଶ୍ୱହିନ୍ଦୁ ପରିଷଦ ଜିଲା ସଭାପତି ଡ଼. ବାବୁରାଓ ମହାନ୍ତି, ଜିଲା ସହ-ସଂପାଦକ ଗୋପୀନାଥ ବ୍ରହ୍ମା, ଜିଲା ଉପସଭାପତି ଆନନ୍ଦ ରାଓ, ଜିଲା ସତ୍‌ସଂଗ ପ୍ରମୁଖ ସୁଶାନ୍ତ ପ୍ରଧାନ, ବଜରଙ୍ଗ ଦଳ ଜିଲା ସହ-ସଂଯୋଜକ ଶସ୍ୟଜ୍ୟୋତି ବେହେରା ଓ କାର୍ଯ୍ୟକର୍ତ୍ତା ବି. ରାଜେଶ ପ୍ରମୁଖ ଉପସ୍ଥିତ ରହି ନୂତନ କାର୍ଯ୍ୟକର୍ତ୍ତାଙ୍କୁ ସଂଗଠନର ଦାୟିତ୍ୱ, ଲକ୍ଷ୍ୟ ଓ ସେବାଭାବ ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ।ହିନ୍ଦୁ ସମାଜର ସେବା ଓ ଯୁବଶକ୍ତିଙ୍କ ସକ୍ରିୟ ଭୂମିକା ପାଇଁ ସଙ୍କଳ୍ପ କରାଯାଇଥିଲା।

## ଜୟନଗରକୁ ବାଜପେୟୀ ଛକ ନାଁରେ ନାମିତ କରିବା ଦାବି

ଜୟପୁର,୨୫।୧(ପବନ ପାଣିଗ୍ରାହୀ)

ଜୟପୁର ଲକ୍ଷ୍ମୀ ଇନ୍ଦିରା ପଣ୍ଡା ଛକଠାରୁ ଜୟନଗର ରାସ୍ତାକୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ନାମରେ ନାମିତ କରିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି। ଜୟନଗର ମୁଖ୍ୟ ଛକକୁ ବାଜପେୟୀଙ୍କ ନାମିତ କରିବାକୁ ଭାଜପା ନେତାମାନେ ଉପଜିଲାପାଳଙ୍କୁ ଭେଟି ଦାବି କରିଛନ୍ତି। ବିକାଶ ପୁରୁଷ ଅଟଳଙ୍କ ନାମରେ ନାମିତ ହୋଇଛି। ଅଟଳ ବିହାରୀଙ୍କ ନାମରେ କୌଣସି ରାସ୍ତା ନାମିତ ହୋଇନାହିଁ। ଅଟଳଜୀ ଗ୍ରାମାଞ୍ଚଳରୁ ସହରାଞ୍ଚଳ ଯାଏ ସମସ୍ତ ରାସ୍ତା ଘାଟ ନିର୍ମାଣ ପାଇଁ ଅନେକ ଯୋଜନା କରି ପ୍ରତି କୋଣ ଅନୁକୋଣକୁ ରାସ୍ତା ସଂଯୋଗ କରିଥିଲେ।

## ଯୋଗଦେଲେ ନୂତନ ଥାନାଧିକାରୀ

ବନ୍ଧୁଗାଁ,୨୫।୧(ବେଣୁଧର ଲାବାଲା)

କୋରାପୁଟ ଜିଲା ବନ୍ଧୁଗାଁ ଥାନାର ନୂତନ ଆଇଆଇସି ଭାବେ ସିନ୍ଧୁ ସାରାକା ରବିବାର ଯୋଗଦେଇଛନ୍ତି। ପୂର୍ବରୁ କୋଟିଆ ଥାନାଧିକାରୀ ଥିଲେ। ଆଇଆଇସି ପ୍ରଶନ କୁମାର ମିଶ୍ରଙ୍କୁ ଜିଲା ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ବନ୍ଧୁଗାଁ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ସହ ଟ୍ରାଫିକ୍ ବ୍ୟବସ୍ଥା ସୁଧାରିବା ନେଇ ପ୍ରାଥମିକତା ଦେବେ ବୋଲି କହିଛନ୍ତି।

DADLS-84
ଓଡ଼ିଶା ସରକାର
ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ- ୨୦୨୬
୨୬ ଜାନୁଆରୀ ୨୦୨୬
ସମୟ : ପୂର୍ବାହ୍ନ ୮.୩୦ମିନିଟ୍
ସ୍ଥାନ : ମହାତ୍ମାଗାନ୍ଧୀ ମାର୍ଗ, ଭୁବନେଶ୍ୱର
ଓଡ଼ିଶାର ମାନ୍ୟବର ରାଜ୍ୟପାଳ
ଡ.ହରି ବାବୁ କମ୍ଭମପାଟି
ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବେ ।
ଜନସାଧାରଣ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ଅନୁରୋଧ ।
ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର
OIPR-

DSPL-488
OMC ODISHA MINING CORPORATION LTD. Mining Happiness
ଓଡ଼ିଶା ର ପ୍ରଗତିର ସାଥୀ ଓଏମସି
ସି.ଏସ.ଆର ପଦକ୍ଷେପ ଦ୍ୱାରା ଖଣି ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବଦଳୁଛି ବିକାଶର ପରିଭାଷା
କ୍ରୀଡାର ବିକାଶ
ଜାତୀୟ ହକି ଓ ଖୋଖୋ ଦଳକୁ ପ୍ରୋତ୍ସାହନ ଏବଂ ରାଜ୍ୟରେ କ୍ରୀଡାର ସାମଗ୍ରିକ ଭିତ୍ତିଭୂମି ର ବିକାଶ
କଳା ସଂସ୍କୃତି ଓ ଐତିହ୍ୟର ବିକାଶ
ସି.ଏସ.ଆର ପଦକ୍ଷେପ ଦ୍ୱାରା ଓଡ଼ିଶାର ସମୃଦ୍ଧ କଳାକୃତି, ସଂସ୍କୃତି, ଐତିହ୍ୟ ଓ ସାହିତ୍ୟକୁ ପ୍ରୋତ୍ସାହନ
ଆରୋଗ୍ୟବାହିନୀ
ଖଣି ଅଞ୍ଚଳର ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ସେବା ପ୍ରଦାନ
ଓଡ଼ିଶା ମାଇନିଙ୍ଗ ଆଦର୍ଶ ବିଦ୍ୟାଳୟ
ଖଣି ଅଞ୍ଚଳର ପିଲାଙ୍କୁ ମିଳୁଛି ଗୁଣାତ୍ମକ ମାନର ଶିକ୍ଷା
ପାଇକ ପ୍ରକଳ୍ପ
ଖଣି ଅଞ୍ଚଳର ଯୁବଶକ୍ତି କୁ ସଶସ୍ତ୍ର ସେବାରେ ଯୋଗ ଦେବା ପାଇଁ ତାଲିମ ପ୍ରଦାନ
ପରିବେଶ ସଂରକ୍ଷଣ
ଖଣି ଓ ଖଣି ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବ୍ୟାପକ ବୃକ୍ଷରୋପଣ ଅଭିଯାନ ଓ ଗ୍ରାମବାସୀଙ୍କୁ ମାଗଣାରେ ଚାରା ବଣ୍ଟନ
ପାନୀୟ ଜଳ ଯୋଗାଣ
ସୌର ଶକ୍ତିକୁ ବ୍ୟବହାର କରି ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଣର ସୁବିଧା
ରାସ୍ତା ସଂଯୋଗୀକରଣ
ଯାତାୟାତକୁ ସୁଗମ କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ରାସ୍ତା ନିର୍ମାଣ କାର୍ଯ୍ୟକ୍ରମ
OIPR-
ଓଡ଼ିଶା ଖଣି ନିଗମ, ଓଏମସି ଭବନ, ୟୁନିଟ-୫, ଭୁବନେଶ୍ୱର - ୭୫୧୦୦୧
www.omcltd.in Odisha_mining OmcOdisha

